بسم الله الرحمٰن الرحيم

**ଖୁତ୍‌ବା ଜୁମା ୧୬ ସେପ୍ଟେମ୍ବର ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ଟେଲ୍‌ଫୋର୍ଡ ୟୁ.କେ**

# ଆଁହଜରତ ସ.ଅଙ୍କ ମାର୍ଗଦର୍ଶୀ ଖଲିଫା ସୟେଦିନା ହ. ଅବୁ ବକର ର.ଅଙ୍କ ଆତ୍ମ ଜୀବନୀ ଏବଂ ପ୍ରଶଂସନୀୟ ସୁଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍‌ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜ୍ଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହ୍‌ମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ଵାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ହ. ଅବୁ ବକର ର.ଅଙ୍କ କାଳରେ ହୋଇଥିବା ଉପଲବ୍ଧି ସଂପର୍କରେ ଚର୍ଚ୍ଚା ଚାଲିଥିଲା । ତତ୍‌ସଂକ୍ରାନ୍ତରେ ଜିମ୍ମୀମାନଙ୍କ ଅଧିକାର ଓ ସେମାନଙ୍କ ସୁରକ୍ଷା ସଂପର୍କିତ କେତେକ ବିବରଣୀ ରହିଛି । ସାଧରଣତଃ ଜିମ୍ମୀ କହିଲେ ଇସ୍‌ଲାମୀୟ ରାଷ୍ଟ୍ରରେ ବସବାସ କରୁଥିବା ଅଣମୁସଲମାନ ଲୋକମାନଙ୍କୁ ବୁଝାଏ ଏବଂ ଯେଉଁ ଲୋକମାନେ ଇସ୍‌ଲାମୀୟ ଶାସନକୁ ସ୍ୱୀକାର କରି ଏବଂ ସ୍ୱଧର୍ମରେ ସ୍ୱାଧୀନ ଭାବରେ ରହି ଇସ୍‌ଲାମୀୟ ପ୍ରଶାସନକୁ ଟିକସ ପ୍ରଦାନ କରୁଥିଲେ ସେମାନଙ୍କ ସୁରକ୍ଷା ଦାୟିତ୍ୱ ମୁସଲମାନମାନଙ୍କର ଉପରେ ନ୍ୟସ୍ତ ଥିଲା । ସେହିମାନଙ୍କୁ ହିଁ ଜିମ୍ମୀ କୁହାଯାଏ । ଏହି ଲୋକମାନେ ସୈନ୍ୟ ସେବା ଏବଂ ଜକାତ୍ ଦେବାରୁ ସଂପୂର୍ଣ୍ଣ ରୂପେ ମୁକ୍ତ ଥିଲେ । ଅତଏବ ସାବାଳକ, ସ୍ୱାସ୍ଥ୍ୟବାନ ଓ କର୍ମଯୋଗୀ ଜିମ୍ମୀମାନଙ୍କ ଠାରୁ ବାର୍ଷିକ ଚାରି ଦିରହମ୍ ଲେଖାଏଁ ଯିଜ୍‌ୟା (ଟିକସ) ଆଦାୟ କରାଯାଇଥାଏ । ବୃଦ୍ଧ, ଦିବ୍ୟାଙ୍ଗ, ନିର୍ଧନ୍ୟ ତଥା ଅଭାବି ଏବଂ ଛୋଟ ପିଲାମାନେ ମଧ୍ୟ ଏହି ଯିଜୟା (ଟିକସ) ଦେବାରୁ ନା କେବଳ ମୁକ୍ତ ଥିଲେ ବରଂ ଭିନ୍ନକ୍ଷମ ଏବଂ ଅଭାବି ବ୍ୟକ୍ତିମାନଙ୍କୁ ଇସଲାମୀୟ ବୈତୁଲ୍ ମାଲରୁ ଆର୍ଥିକ ସାହାଯ୍ୟ ମଧ୍ୟ ଯୋଗାଇ ଦିଆଯାଇଥାଏ । ଇରାକ୍ ଓ ସିରୀୟା ବିଜୟ ସମୟରେ ଅସଂଖ୍ୟ ଅଣମୁସଲମାନ ଲୋକମାନେ ଯିଜୟା ଦେବା ନିମନ୍ତେ ସହମତି ପ୍ରକାଶ କରି ଜିମ୍ମୀ ହୋଇଗଲେ । ସେମାନଙ୍କ ସହିତ ଯେଉଁ ଚୁକ୍ତି ହୋଇଥିଲା ତନ୍ମଧ୍ୟରେ ଏହି ସର୍ତ୍ତଗୁଡ଼ିକ ମଧ୍ୟ ରହିଥିଲା ଯେ ସେମାନଙ୍କର ଧର୍ମପୀଠ ଏବଂ ଗୀର୍ଜା ଘରଗୁଡ଼ିକୁ ଧ୍ୱଂସ କରାଯିବ ନାହିଁ, ନା ହିଁ ସେମାନଙ୍କର ଏଭଳି କୌଣସି ଦୁର୍ଗକୁ ଭୂମିସାତ କରାଯିବ ଯେଉଁ ଦୁର୍ଗରେ ସେମାନେ ଆବଶ୍ୟକ ସ୍ଥଳେ ଓ ଶତ୍ରୁ ସହିତ ମୁକାବିଲା ସମୟରେ ଦୁର୍ଗ ମଧ୍ୟରେ ନିଜକୁ ଆତ୍ମ ଗୋପନ କରୁଥିଲେ । ସେହିପରି ଶଙ୍ଖ ନାଦ ଦେବା ଓ ପର୍ବ ପର୍ବାଣୀ ସମୟରେ ଶୁଳୀ ଯାତ୍ରା ବାହାର କରିବାରୁ ରୋକା ନଯାଉ ।

ହ. ଅବୁ ବକର ର.ଅଙ୍କ ଶାସନକାଳରେ ଏକ ବିଶାଳ, ଅତୁଲ୍ୟ ଏବଂ ମହାନ ଉପଲବ୍ଧି ଅର୍ଥାତ ପବିତ୍ର କୁରଆନ୍ କରୀମ୍‌ର ଏକତ୍ରିକରଣ କରିବା ଥିଲା । ଯେତେବେଳେ ୟମାମା ଯୁଦ୍ଧ ସମୟରେ ପାଖାପାଖି ୭୦୦ ହୁଫ୍ଫାଜେ କୁରଆନ୍ ସାହାବାମାନେ ଶହୀଦ୍ ହୋଇଥିଲେ ସେତେବେଳେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ ଏକତ୍ରିତ କରିବା ସଂପର୍କରେ ହ. ଉମର୍ ର.ଅଙ୍କ ହୃଦୟକୁ ଉନ୍ମୁକ୍ତ କରି ଦେଇଥିଲେ । ସହୀ ବୁଖାରୀରର ଉଲ୍ଲିଖିତ ବିବରଣୀ ଅନୁଯାୟୀ ୟମାମା ଯୁଦ୍ଧ ପରେ ହ. ଅବୁ ବକର ର.ଅ ହ. ଜୈଦ୍ ବିନ୍ ସାବିତ୍ ର.ଅଙ୍କୁ ଡ଼କାଇଲେ ଏବଂ ତାଙ୍କୁ କହିଲେ ଯେ, ହେ ଜୈଦ୍ ବିନ୍ ସାବିତ୍ ! ହ. ଉମର ର.ଅ ପବିତ୍ର କୁରଆନ୍ କରୀମ୍ ଏକତ୍ର କରିବା ସଂପର୍କରେ ପରାମର୍ଶ ଦେଇଛନ୍ତି ଏବଂ ଏହି କାର୍ଯ୍ୟ ହ. ଜୈଦ୍ ବିନ୍ ସାବିତ୍ ର.ଅଙ୍କ ଉପରେ ନ୍ୟସ୍ତ କରିଛନ୍ତି । ହ. ଜୈଦ୍ ବିନ୍ ସାବିତ୍ ର.ଅ କହନ୍ତି ଯେ, ମୁଁ ଅଲ୍ଲାତାଲାଙ୍କ ରାଣ ଖାଇ କହୁଛି ! ଯଦି ହ. ଅବୁ ବକର ର.ଅ ଏକ ପର୍ବତକୁ ସ୍ଥାନାନ୍ତରିତ କରିବାର ଆଦେଶ ଦେଇଥାନ୍ତେ ତେବେ ତାହା ମୋ ପାଇଁ ଏହି କାର୍ଯ୍ୟ ଠାରୁ ଅଧିକ ସହଜ ଓ ସରଳ ହୋଇଥାନ୍ତା । ହ. ଜୈଦ୍ ବିନ୍ ସାବିତ୍ ର.ଅ କହନ୍ତି ଯେ, ମୁଁ ପବିତ୍ର କୁରଆନ୍ କରୀମ୍‌କୁ ଖଜୁରୀର ଡ଼ାଳ, ଧବଳ ବର୍ଣ୍ଣର ପଥର ଓ ଲୋକମାନଙ୍କର ହୃଦୟରୁ ଆଣି ଏକତ୍ରିତ କରିଛି ।

ସତ୍ୟବାଦୀ ହ. ଅବୁ ବକର ର.ଅ ହ. ଜୈଦ୍ ବିନ୍ ସାବିତ୍ ର.ଅଙ୍କ ମାଧମରେ ଯେଉଁ ପବିତ୍ର କୁରଆନ୍ କରୀମ୍‌କୁ ଗୋଟିଏ ଗ୍ରନ୍ଥ ରୂପେ ଏକତ୍ରିତ କରିଛନ୍ତି ତାହାକୁ **ସହିଫା ସିଦ୍ଦିକି** (ଅର୍ଥାତ ହ. ଅବୁ ବକର ର.ଅଙ୍କ ଗ୍ରନ୍ଥ ଖଣ୍ଡ) ବୋଲି କୁହାଯାଏ । ଏହି ଗ୍ରନ୍ଥ ଖଣ୍ଡ ପ୍ରଥମେ ହ. ଅବୁ ବକର ର.ଅ, ତାଙ୍କ ପଶ୍ଚାତ ହ. ଉମର୍ ର.ଅ ଓ ତାଙ୍କ ଅନ୍ତେ ହ. ଉମ୍ମୁଲ୍ ମୁମିନିନ୍ ହ. ହଫ୍‌ସା ବିନ୍ତ୍ ଉମର୍ ର.ଅଙ୍କ ନିକଟରେ ରହିଥିଲା । ହ. ଉସ୍‌ମାନ୍ ର.ଅ ନିଜ ଖିଲାଫତ୍ କାଳରେ **ସହିଫା ସିଦ୍ଦିକି**ର କିଛି ନକଲ ପ୍ରସ୍ତୁତ କରାଇଥିଲେ ଏବଂ ଏହି ସହିଫା ସିଦ୍ଦିକିକୁ ହ. ଉମର୍ ର.ଅଙ୍କ ସୁପୁତ୍ରୀ ହ. ହଫ୍‌ସା ର.ଅଙ୍କୁ ଫେରସ୍ତ କରିଦେଇଥିଲେ । ୫୪ ହିଜ୍‌ରୀରେ ଯେତେବେଳେ ମୁର୍‌ୱାନ୍ ମଦିନାର ଶାସକ ହେଲା ସେତେବେଳେ ସେ ଏହି ପୋଥିକୁ ହ. ହଫ୍‌ସା ର.ଅଙ୍କ ଠାରୁ ନେବାକୁ ଚାହିଁଥିଲା । କିନ୍ତୁ ହ. ହଫ୍‌ସା ର.ଅ ଏହି ପୋଥି ଦେବାକୁ ସଫା ସଫା ମନା କରିଦେଇଥିଲେ । ହ. ହଫ୍‌ସା ର.ଙ୍କ ବିୟୋଗ ପରେ ମୁର୍‌ୱାନ୍ ସେହି ପୋଥି ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅଙ୍କ ପାଖରୁ ନେଇ ଆସି ତା'କୁ ନଷ୍ଟ କରିଦେଇଥିଲା ।

ହ. ଅଲୀ ର.ଅ କହନ୍ତି ଯେ, ଅଲ୍ଲାଃତାଲା ହ. ଅବୁ ବକର ର.ଅଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । କାରଣ ସେ ହିଁ ସର୍ବ ପ୍ରଥମେ ପବିତ୍ର କୁରଆନ୍ କରୀମ୍‌କୁ ପୁସ୍ତକ ଆକାରରେ ଏକତ୍ରିତ କରିଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି ଯେ, ସତ୍ୟ ଏହା ଯେ, ପୃଥିବୀରେ କୌଣସି ଧର୍ମପୁସ୍ତକ ଏଭଳି କ୍ରମାନ୍ୱୟରେ ଉପସ୍ଥିତ ନୁହେଁ ଯେଉଁ କ୍ରମିକତାର ସହିତ ପବିତ୍ର କୁରଆନ୍ କରୀମ୍ ମହଜୁଦ୍ ରହିଛି । ହ. ମୁସ୍‌ଲେହ୍ ମଉଦ୍ ର.ଅ କହିଲେ ହୁଜୁର୍ ସ.ଅଙ୍କ କାଳରେ ସମଗ୍ର ପବିତ୍ର କୁରଆନ୍ ଲେଖା ଯାଇଥିଲା । ଯଦି ତାହା ପୁସ୍ତକ ଆକାରରେ ନଥିଲା ତେବେ ହ. ଅବୁ ବକର ର.ଅ ପବିତ୍ର କୁରଆନ୍ କରୀମ୍‌କୁ ଲେଖିବାର ଆଦେଶ ଦେଇ ନଥାଆନ୍ତେ । ବରଂ ହ. ଅବୁ ବକର ର.ଅଙ୍କ ଶବ୍ଦ ସ୍ୱୟଂ ଏହା ପ୍ରକାଶ କରୁଅଛି ଯେ, ସେ ସମୟରେ ପବିତ୍ର କୁରଆନ କରୀମ୍‌ର ପୃଷ୍ଠାକୁ ଗୋଟିଏ ସ୍ଥାନରେ ଏକତ୍ରିତ କରିବାର ପ୍ରଶ୍ନ ଥିଲା ନା କି ଲେଖିବାର । ହ. ଉସ୍‌ମାନ୍ ର.ଅଙ୍କ ଶାସନ କାଳରେ ସମସ୍ତ ମୁସଲମାନ ଦେଶକୁ ଗୋଟିଏ କିର୍‌ଅତ୍ (ପଠନ ଶୈଳୀ)ରେ ଏକତ୍ରିତ କରାଯାଇଥିଲା । ହ. ଅକ୍‌ଦସ୍ ମସିହ୍ ମଉଦ୍ ଅ.ସ କହନ୍ତି ଯେ, ଖଲିଫା ଅୱଲ୍ ର.ଅ ହ. ଅବୁ ବକର ସିଦ୍ଦିକ୍ ର.ଅ ପବିତ୍ର କୁରଆନ୍ କରୀମ୍‌ର ସମସ୍ତ ସୁରତ୍‌ଗୁଡ଼ିକୁ ନବୀ କରୀମ୍ ସ.ଅଙ୍କ ଠାରୁ କ୍ରମିକ ଭାବରେ ଶୁଣିଥିଲେ ଏବଂ ତଦନୁଯାୟୀ ପବିତ୍ର କୁରଆନ୍ କରୀମ୍‌କୁ ଏକତ୍ରିତ କରିବା ପାଇଁ ବ୍ୟବସ୍ଥା କରିଥିଲେ । ପୁନଶ୍ଚ ହ. ଅବୁ ବକର ସିଦ୍ଦିକ ର.ଅଙ୍କ ପରେ ଅଲ୍ଲାଃତାଲା ଖଲିଫା ସାଲିସ୍ (ତୃତୀୟ ଖଲିଫା) ହ. ଉସ୍‌ମାନ୍ ର.ଅଙ୍କୁ ଯେତେବେଳେ ଏହି ଏକତ୍ରିକରଣ କରିବାକୁ ସାମର୍ଥ୍ୟ ପ୍ରଦାନ କଲେ ସେତେବେଳେ ଆପଣ ର.ଅ କୁରୈଶ୍‌ମାନଙ୍କର ଶବ୍ଦକୋଷ ଅନୁଯାୟୀ ପବିତ୍ର କୁରଆନ୍ କରୀମ୍‌କୁ ଗୋଟିଏ କିର୍‌ଅତ୍ (ପଠନ ଶୈଳୀ)ରେ ଏକତ୍ରିତ କଲେ ଏବଂ ତାହାକୁ ସମସ୍ତ ଦେଶମାନଙ୍କରେ ପ୍ରସାରିତ କରିଦେଇଥିଲେ ।

ହ. ଅବୁ ବକର ର.ଅଙ୍କ ଅସ୍ତିତ୍ୱ ସହିତ ଜଡ଼ିତ ପ୍ରଥମ ଥର ପାଇଁ ସାଧିତ ହୋଇଥିବା କାର୍ଯ୍ୟକୁ '**ଅଔଲିୟାତେ ଅବୁ ବକର**' କୁହାଯାଏ । ସେହି କାର୍ଯ୍ୟଗୁଡ଼ିକ ଯଥାକ୍ରମେ ହେଲା; ହ. ଅବୁ ବକର ର.ଅ ସର୍ବ ପ୍ରଥମେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ, ମକ୍କା ଠାରେ ସର୍ବ ପ୍ରଥମେ ନିଜ ଘର ସମ୍ମୁଖରେ ଏକ ମସ୍‌ଜିଦ୍ ନିର୍ମାଣ କରିଥିଲେ । ମକ୍କାରେ ସର୍ବ ପ୍ରଥମେ ହୁଜୁର୍ ସ.ଅଙ୍କ ସପକ୍ଷରେ ମକ୍କାର ଅବିଶ୍ୱାସକାରୀମାନଙ୍କ ସହିତ ଲଢିଥିଲେ । ସର୍ବପ୍ରଥମ ଇସ୍‌ଲାମ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରେ ସେ ଅନ୍ୟତମ ବ୍ୟକ୍ତି ଥିଲେ ଏବଂ ଏଥିପାଇଁ ତାଙ୍କୁ ନାନା ପ୍ରକାରର ନିର୍ଯାତନା ଏବଂ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ସେହିପରି ସେ ଅସଂଖ୍ୟ ଦାସ ଏ ଦାସୀମାନଙ୍କୁ ମୁକ୍ତ କରାଇଥିଲେ । ସେ ହିଁ ସର୍ବପ୍ରଥମ ବ୍ୟକ୍ତି ଯିଏ ପବିତ୍ର କୁରଆନ କରୀମ୍ ଏକତ୍ରିତ କରିଥିଲେ ଏବଂ ପବିତ୍ର କୁରଆନ୍ କରୀମ୍‌ର ନାମ **ମୁସହଫ୍** (ଧର୍ମଗ୍ରନ୍ଥ) ରଖିଥିଲେ । ସେହିପରି ସେ ପ୍ରଥମ ମାର୍ଗଦର୍ଶୀ ଖଲିଫା ହେବାର ମର୍ଯ୍ୟାଦା ଲାଭ କରିଥିଲେ । ରସୁଲ୍ କରୀମ୍ ସ.ଅଙ୍କ ଜୀବନକାଳ ମଧ୍ୟରେ ସର୍ବ ପ୍ରଥମେ ସେ ହଜ୍ ତୀର୍ଥ ଯାତ୍ରାର ଅମୀର ନିଯୁକ୍ତ ହୋଇଥିଲେ, ହୁଜୁର ସ.ଅଙ୍କ ଜୀବନରେ ହିଁ ସେ ସର୍ବ ପ୍ରଥମେ ନମାଜ୍‌ରେ ମୁସଲ୍‌ମାନ୍‌ମାନଙ୍କର ଇମାମତ୍ କରିଥିଲେ । ଇସ୍‌ଲାମ୍ ଧର୍ମରେ ସର୍ବ ପ୍ରଥମେ ବୈତୁଲ୍ ମାଲ୍ ସ୍ଥାପନ କରିଥିଲେ । ହ. ଅବୁ ବକର ର.ଅ ହିଁ ପ୍ରଥମ ବ୍ୟକ୍ତି ଅଟନ୍ତି ଯାହାଙ୍କର ଓଜିଫା (ଭତ୍ତା) ଲାଗୁ କରାଯାଇଥିଲେ । ସେହିପରି ଆପଣ ର.ଅ ହିଁ ପ୍ରଥମ ଖଲିଫା ଅଟନ୍ତି ଯେକି ନିଜର ଉତ୍ତରାଧିକାରୀଙ୍କ ନାମାଙ୍କନ କିରଥିଲେ । ସେ ହିଁ ପ୍ରଥମ ଖଲିଫା ଅଟନ୍ତି ଯାହାଙ୍କ ବୈଅତ୍ ସମୟରେ ତାଙ୍କର ପିତାଶ୍ରୀ ଜୀବିତ ଥିଲେ । ଇସ୍‌ଲାମ୍

ଧର୍ମରେ ଆପଣ ର.ଅ ହିଁ ପ୍ରଥମ ବ୍ୟକ୍ତି ଯାହାଙ୍କୁ ଆଁହଜରତ ସ.ଅ କୌଣସି ଏକ ଉପାଧି (ସିଦ୍ଦିକେ ଅକ୍‌ବର୍) ପ୍ରଦାନ କରିଥିଲେ । ହ. ଅବୁ ବକର ର.ଅ ହିଁ ସେହି ପ୍ରଥମ ବ୍ୟକ୍ତି ଯାହାଙ୍କର ଚାରି ପିଢୀଙ୍କୁ ସାହାବା ହେବାର ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା । ଅର୍ଥାତ ହ. ଅବୁ ବକର ର.ଅଙ୍କ ପିତା ହ. ବୁ କହାଫା, ହ. ଅବୁ ବକର ସ୍ୱୟଂ, ହ. ଅବୁ ବକର ର.ଅଙ୍କ ସୁପୁତ୍ର ହ. ଅବ୍‌ଦୁର୍ ରହେମାନ ବିନ୍ ଅବୁ ବକର ର.ଅ ଓ ହ. ଅବ୍‌ଦୁର ରହେମାନଙ୍କ ସୁପୁତ୍ର ତଥା ହ. ଅବୁ ବକର ର.ଅଙ୍କ ପୌତ୍ର ହ. ମୁହମ୍ମଦ୍ ବିନ୍ ଅବ୍‌ଦୁର୍ ରହେମାନ୍ ବିନ୍ ଅବୁ ବକର୍ ଆଦି ସମସ୍ତେ ସାହାବି ଥିଲେ ।

ହ. ଅବୁ ବକର ର.ଅଙ୍କ ମୁଖର ମୁଖମଣ୍ଡଳ ସଂପର୍କରେ ଏହିପରି ବର୍ଣ୍ଣନା ମିଳୁଛି ଯେ, ହ. ଅବୁ ବକର ର.ଅ ଧବଳ ବର୍ଣ୍ଣ ଏବଂ ପତଳା ବ୍ୟକ୍ତି ଥିଲେ । ଗାଲରେ ମାଂସ କମ୍ ଥିଲା, ଅଣ୍ଟା ସର୍ବଦା ଆନତ ହୋଇ ରହୁଥିଲା, ଆଖି ଭିତରକୁ ପଶି ଯାଇଥିଲା ଏବଂ କପାଳ ପ୍ରଶସ୍ତ ଥିଲା । ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ହ. ଅବୁ ବକର ର.ଅ ନିଜ କେଶରେ ମେହନ୍ଦୀର ଲେପ ଲଗାଉଥିଲେ । ହ. ଅବୁ ବକର ର.ଅ ଏକ ପକ୍ଷୀଟିକୁ ଦେଖି କହିଲେ ; ଏପରି ହୁଅନ୍ତା କି ମୁଁ ବି ଏହି ପକ୍ଷୀ ପରି ଉଡ଼ି ପାରନ୍ତି ! କାରଣ ଏହି ପକ୍ଷୀଟିର ନା କୌଣସି ହିସାବ କିତାବ ହେବ ଓ ନା ହିଁ ପକ୍ଷୀଟି କୌଣସି କାର୍ଯ୍ୟ ପାଇଁ ଉତ୍ତରଦାୟୀ ହେବ । ହ. ଅବୁ ବକର ର.ଅ ନିଜ ମୃତ୍ୟୁ ସମୟରେ ହ. ଆଏଶା ର.ଅଙ୍କୁ କହିଲେ ଯେ, ହେ ମୋର ସୁପୁତ୍ରୀ ! ତୁ ଜାଣୁ କି ଲୋକମାନଙ୍କ ମଧ୍ୟରେ ମୋତେ ସର୍ବାଧିକ ପ୍ରିୟ ତୁ ହିଁ ଲାଗୁ । ମୁଁ ନିଜର ଅମକ ଜମିକୁ ତୋତେ ଉପହାର ସ୍ୱରୂପ ପ୍ରଦାନ କରିଥିଲି । କିନ୍ତୁ ତୁମେ ତାହା ଉପରେ ନିଜର ଅଧିକାର ସାବ୍ୟସ୍ତ କରି ଦଖଲ କଲ ନାହିଁ । ବର୍ତ୍ତମାନ ମୁଁ ଚାହୁଁଛି ଯେ, ତୁମେ ସେ ସ୍ଥାନଟି (ଜମି)କୁ ମୋତେ ଫେରସ୍ତ କରିଦିଅ । କାରଣ ସେହି ଜମିଟି ମୋର ସମସ୍ତ ସନ୍ତାନମାନଙ୍କ ମଧ୍ୟରେ ଅଲ୍ଲାଃତାଲାଙ୍କ ଦ୍ୱାରା ନିର୍ଦ୍ଦେଶିତ ଆଦେଶାନୁଯାୟୀ ଓ ବିସ୍ତୃତ ବିବରଣୀ ଅନୁଯାୟୀ ସମାନ ଭାବରେ ବଣ୍ଟନ ହେବ ଏବଂ ମୁଁ ଅଲ୍ଲାଃତାଲାଙ୍କ ନିକଟରେ ଏହା କହିପାରିବି ଯେ, ମୁଁ ନିଜ ସନ୍ତାନମାନଙ୍କ ମଧ୍ୟରେ କାହାରିକୁ କାହା ଉପରେ ପ୍ରାଧାନ୍ୟ ଦେଇ ନାହିଁ ଏବଂ ଅନ୍ୟାୟ କରି ନାହିଁ ବରଂ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିଛି ଓ ନ୍ୟାୟ କରିଛି ।

ହ. ଅବୁ ବକର ର.ଅଙ୍କୁ ଯେତେବେଳେ ଅଲ୍ଲାଃତାଲା ଖିଲାଫତ୍‌ର ଚାଦର ପିନ୍ଧାଇଲେ ସେତେବେଳେ ଆପଣ ର.ଅ ନିତିଦିନ ପରି କପଡ଼ାର ଏକ ଥାନ୍ ନିଜ କାନ୍ଧ ଉପରେ ରଖି ବ୍ୟବସାୟ କରିବାକୁ ବାହାରି ପଡ଼ିଲେ । ବାଟରେ ହ. ଅବୁ ଉବୈଦାହ୍ ର.ଅ ଓ ହ. ଉମର୍ ର.ଅଙ୍କ ସହିତ ଯେତେବେଳେ ହ. ଅବୁ ବକର ର.ଅଙ୍କ ଭେଟ ହେଲା ସେତେବେଳେ ଦୁହିଁଙ୍କ କହିବା ଯୋଗୁଁ ହ. ଅବୁ ବକର ର.ଅଙ୍କ ପାଇଁ ଓଜିଫା ନିର୍ଦ୍ଧାରିତ କରିଦିଆଗଲା । ସେହି ଓଜିଫା ଏହିପରି ଥିଲା ଯେ, ହ. ଅବୁ ବକର ର.ଅଙ୍କ ଚାଦର ଯେତେବେଳେ ପୁରୁଣା ହୋଇଯାଉଥିଲା ସେତେବେଳେ ହ. ଅବୁ ବକର ର.ଅଙ୍କୁ ଦୁଇଟି ଚାଦର ମିଳୁଥିଲା । ସେହି ପୁରଣ ଚାଦର ଦ୍ୱୟକୁ ଦେଇ ଫେରସ୍ତ କରି ହ. ଅବୁ ବକର ର.ଅ ନୂତନ ଚାଦର ନେଉଥିଲେ । ସେହିପରି ଯାତ୍ରା ପାଇଁ ହ. ଅବୁ ବକର ର.ଅ ଅଶ୍ୱ ଏବଂ ଖିଲାଫତ୍ ପୂର୍ବରୁ ଆବଶ୍ୟକୀୟ ଖର୍ଚ୍ଚ ନିମନ୍ତେ ଅର୍ଥ ନେଉଥିଲେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି ଯେ, ହ. ଅବୁ ବକର ର.ଅ ସମଗ୍ର ମୁସଲମାନମାନଙ୍କ ନିମନ୍ତେ ସମ୍ରାଟ ଥିଲେ ସତ କିନ୍ତୁ ତହିଁରୁ ତାଙ୍କୁ କ'ଣ ବା ପ୍ରାପ୍ତ ହେଉଥିଲା ? ସେ ଜନତାଙ୍କ ଅର୍ଥର ଜଣେ ଜଗୁଆଳୀ ସ୍ୱରୂପ ଥିଲେ ଏବଂ ସ୍ୱୟଂ ସେହି ଅର୍ଥରୁ ଟଙ୍କାଟିଏ ମଧ୍ୟ ନିଜର ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ରଖୁ ନଥିଲେ । ହ. ଅବୁ ବକର ର.ଅଙ୍କ ହସ୍ତରୁ ଯଦି ଓଟର ଦଉଡ଼ି ଖସି ତଳେ ପଡ଼େ ଯାଉଥିଲା ତେବେ ସେ ସ୍ୱୟଂ ତଳକୁ ଓହ୍ଲାଉଥିଲେ ଏବଂ ଦଉଡ଼ିକୁ ଉଠାଉଥିଲେ । ଏପରି କାର୍ଯ୍ୟ କରିବାରୁ ଯେତେବେଳେ ତାଙ୍କୁ ପ୍ରଶ୍ନ କରାଯାଉଥିଲା ସେତେବେଳେ ସେ ଏହି ଉତ୍ତର ଦେଉଥିଲେ ଯେ, ମୋତେ ମୋର ପ୍ରିୟ ନବୀ ସ.ଅ ଏହି ଆଦେଶ ଦେଇଥିଲେ ଯେ, ହେ ଅବୁ ବକର ! ତୁମେ ଲୋକମାନଙ୍କୁ କେବେ ପ୍ରଶ୍ନ କରିବ ନାହିଁ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ତୁମେ ଲୋକମାନଙ୍କ ଆଗରେ କେବେ ବି ହାତ ପାତିବ ନାହିଁ । ଏକଦା ଆଁହଜରତ ସ.ଅ ଲୋକମାନଙ୍କୁ ଏହି କଥାବାର୍ତ୍ତା ହେଉଥିବାର ଶୁଣିଲେ ଯେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ହ. ଅବୁ ବକର ର.ଅ ଆମମାନଙ୍କ ଠାରୁ କିପରି ଶ୍ରେଷ୍ଠ ଅଟନ୍ତି ? ଆମେ ଯେପରି ନମାଜ ପଢୁ ସେ ମଧ୍ୟ ସେହିପରି ନମାଜ ପଢନ୍ତି ଏବଂ ଆମେମାନେ ଯେପରି ରୋଜା ରଖୁ ସେ ମଧ୍ୟ ସେହିପରି ରୋଜା ରଖୁଛନ୍ତି । ପ୍ରତ୍ୟୁତ୍ତରରେ ନବୀ କରୀମ ସ.ଅ କହିଲେ, ହ. ଅବୁ ବକର ର.ଅଙ୍କ ଶ୍ରେଷ୍ଠତ୍ୱ ନମାଜ୍ ଏବଂ ରୋଜା ଯୋଗୁଁ ନୁହେଁ ବରଂ ତାଙ୍କ ମନରେ ଥିବା ପୁଣ୍ୟ ଯୋଗୁଁ ହିଁ ସେ ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ ଅଟନ୍ତି । ଏକ କୁର୍‌ଆନୀୟ ଆୟତ୍‌ର ବ୍ୟାଖ୍ୟା କରି ହ. ମସିହ୍ ମଉଦ୍ କହନ୍ତି;

ହ. ଅବୁ ବକର ର.ଅଙ୍କ ମର୍ଯ୍ୟାଦା ଓ ଖ୍ୟାତି ଏହିପରି ଯେ, ଅଲ୍ଲାଃତାଲା କହିଲେ ଯେ, ହେ ଭକ୍ତ ! ତୁ ଉପସନା କରିଚାଲ୍! ଯେପର୍ଯ୍ୟନ୍ତ ତୋତେ ଏହି ପୂର୍ଣ୍ଣ ବିଶ୍ୱାସ ପ୍ରାପ୍ତ ହୋଇଯାଇ ନାହିଁ ଏବଂ ସମସ୍ତ ପ୍ରକାରର ଅନ୍ଧକାରମୟର ପରଦା ଦୂରୀଭୂତ ହୋଇଯାଇ ଏହା ବୁଝି ହୋଇଯାଇ ନାହିଁ ଯେ, ବର୍ତ୍ତମାନ ମୁଁ ସେହି ବ୍ୟକ୍ତି ନୁହଁ ଯାହା ପୂର୍ବେ ଥିଲି । ବରଂ ବର୍ତ୍ତମାନ ତ' ନୂତନ ଦେଶ, ନୂଆ ଆକାଶ ଏବଂ ମୁଁ ମଧ୍ୟ ଏକ ନୂତନ ଜୀବଟିଏ ଅଟେ । ଏହି ଦ୍ୱିତୀୟ ଜୀବନକୁ **ସୁଫି ବକା** (ଚିରଞ୍ଜିବୀ ସନ୍ଥ) ନାମରେ ନାମିତ କରାଯାଏ । ମନୁଷ୍ୟ ଯେତେବେଳେ ଏହି ସ୍ତର ପର୍ଯ୍ୟନ୍ତ ଉନ୍ନୀତ ହୁଏ ସେତେବେଳ ଅଲ୍ଲାଃତାଲାଙ୍କ ଐଶୀ ଆତ୍ମାର ଫୁଙ୍କ ତହିଁରେ ପ୍ରବିଷ୍ଟ ହୋଇଥାଏ, ଈଶ୍ୱରଙ୍କ ଦେବଦୂତମାନେ ତାହା ଉପରେ ଅବତୀର୍ଣ୍ଣ ହୋଇଥାଆନ୍ତି । ଏହା ହିଁ ସେହି ଗୁପ୍ତ ରହସ୍ୟ ଯାହାକୁ ଆଁହଜରତ ସ.ଅ ହ. ଅବୁ ବକର ର.ଅ ସପକ୍ଷରେ କହିଥିଲେ; ଯଦି କୌଣସି ବ୍ୟକ୍ତି ମୃତ ବ୍ୟକ୍ତିକୁ ଭୂପୃଷ୍ଠରେ ଜୀବନ୍ତ ଚଳପ୍ରଚଳ ହେଉଥିବାର ଦେଖିବାକୁ ଚାହୁଁଛି ତେବେ ସେ ହ. ଅବୁ ବକର ର.ଅଙ୍କୁ ହିଁ ଦେଖି ନେଉ ଏବଂ ହ. ଅବୁ ବକର ର.ଅଙ୍କୁ ସେହି ସ୍ତରଟି ପ୍ରକାଶ୍ୟମୂଳକ କର୍ମ ଦ୍ୱାରା ପ୍ରାପ୍ତ ହୋଇ ନାହିଁ ବରଂ ତାଙ୍କୁ ସେହି ସ୍ତର ତାଙ୍କ ମନ ଭିତରେ ଥିବା ପୂଣ୍ୟ ଯୋଗୁଁ ହିଁ ପ୍ରାପ୍ତ ହୋଇଛି ।

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କହନ୍ତି ଯେ, ଏକଦା ଆଁହଜରତ ସ.ଅ କହିଲେ; ଯେ, ଯେଉଁ ବ୍ୟକ୍ତିର ଅନ୍ତବସ୍ତ୍ର ତଳ ଆଡ଼କୁ ଢଳି ପଡ଼େ ତେବେ ସେହି ବ୍ୟକ୍ତିମାନେ ନର୍କଗାମୀ ହେବେ । ହ. ଅବୁ ବକର ର.ଅ ଏକଥା ଶୁଣି କାନ୍ଦି ପକାଇଲେ । କାରଣ ତାଙ୍କର ଅନ୍ତବସ୍ତ୍ର ମଧ୍ୟ ଠିକ୍ ସେହିପରି ଓହଳି ଯାଉଥିଲା ଯେପରି ଆଁହଜରତ ସ.ଅ ବର୍ଣ୍ଣନା କରିଥିଲେ । ଆଁହଜରତ ସ.ଅ କହିଲେ ହେ ଅବୁ ବକର ! ତୁମେ ସେହି ବ୍ୟକ୍ତିଙ୍କ ମଧ୍ୟରୁ ନାହିଁ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ସମସ୍ତ କର୍ମ ଅନ୍ତର୍ନିହିତ ଉଦ୍ଦେଶ୍ୟ ଉପରେ ହିଁ ନିର୍ଭଶୀଳ ଏବଂ ନିଜର ମାନମର୍ଯ୍ୟାଦାର ରକ୍ଷା କରିବା ଅତ୍ୟନ୍ତ ଆବଶ୍ୟକ ଅଟେ । ଆଁହଜରତ ସ.ଅଙ୍କ ପୂର୍ଣ୍ଣ ଆଜ୍ଞାବହତା, ନବୀ ସ.ଅଙ୍କ ପ୍ରତି ପ୍ରେମ, ଅନୁରାଗ, ଆନ୍ତରିକତା ଏବଂ ସ୍ୱାଭିମାନର ଏକ ଘଟଣା ରହିଛି ଯେ, ଏକଦା ହ. ଅବୁ ବକର ର.ଅ ରସୁଲ୍ କରୀମ ସ.ଅଙ୍କ ଘରକୁ ଆସିଲେ ଏବଂ ଏହା ଲକ୍ଷ୍ୟ କଲେ ଯେ, ହ. ଆଏଶା ର.ଅ ଆଁହଜରତ ସ.ଅଙ୍କ ପ୍ରତି ତୀକ୍ଷ୍ଣ କଟୁ ଭାଷା ପ୍ରୟୋଗ କରୁଛନ୍ତି । ଏହା ଦେଖି ହ. ଅବୁ ବକର ର.ଅ ଆଉ ସହ୍ୟ କରି ନପାରି ମଝିରେ ବିଦ୍ୟମାନ ହେଲେ ଏବଂ ନିଜର ସୁପୁତ୍ରୀ ହ. ଆଏଶା ର.ଅଙ୍କୁ ମାରିବାକୁ ଅଗ୍ରସର ହେଲେ । ଆଁହଜରତ ସ.ଅ ଉଭୟ ବାପ ଝିଅଙ୍କ ମଝିରେ ଆସି ହ. ଆଏଶା ର.ଅଙ୍କୁ ସମ୍ଭାବ୍ୟ ମାଡ଼ରୁ ରକ୍ଷା କରିଥିଲେ । ହ. ଅବୁ ବକର ର.ଅ ଯେତେବେଳେ ସେଠାରୁ ଚାଲିଗଲେ ସେତେବେଳେ ଆଁହଜରତ ସ.ଅ ନିଜ ପତ୍ନୀଙ୍କୁ ଥଟ୍ଟାପୂର୍ବକ କହିଲେ ; ହେ ଆଏଶା ! ଦେଖିଲ ଟି ଆଜି ମୁଁ କିପରି ତୁମକୁ ତୁମ ବାପାଙ୍କ ମାଡ଼ରୁ ରକ୍ଷା କଲି? କିଛିଦିନ ପରେ ହ. ଅବୁ ବକର ର.ଅ ପୁନଃ ନିଜ ସୁପୁତ୍ରୀ ହ. ଆଏଶା ର.ଅଙ୍କ ନିକଟକୁ ଆସିଲେ ତେବେ ହ. ଆଏଶା ର.ଅ ଆଁହଜରତ ସ.ଅଙ୍କ ସହିତ ସ୍ମିତହାସ୍ୟ ପ୍ରକାଶ କରି ଆନନ୍ଦିତ ହୋଇ କଥାବାର୍ତ୍ତା ହେଉଥିଲେ । ଏକଥାକୁ ଲକ୍ଷ୍ୟ କରି ହ. ଅବୁ ବକର ର.ଅ କହିଲେ ହେ ନବୀ ସ.ଅ ଓ ସୁପୁତ୍ରୀ ଆଏଶା ! ପୂର୍ବେ ମୁଁ ତୁମ ଦୁହିଁଙ୍କ ଝଗଡ଼ାରେ ସାମିଲ୍ ହୋଇଥିଲି ବର୍ତ୍ତମାନ ତୁମ ଦୁହିଁଙ୍କ ଆନନ୍ଦରେ ମୋତେ ଟିକିଏ ସାମିଲ କରିନିଅ । ଏକଥା ଶୁଣି ଆଁହଜରତ ସ.ଅ ସ୍ମିତହାସ୍ୟ ପ୍ରକାଶ କରି କହିଲେ; ହେ ଅବୁ ବକର ! ଆମେ ଆପଣଙ୍କୁ ଆମ ଖୁସିରେ ମଧ୍ୟ ସାମିଲ କରୁଛୁ । ଖୁତ୍‌ବାର ଶେଷରେ ହୁଜୁର ଅନଓ୍ୱର୍ ଅ.ବ କହିଲେ; ହ. ଅବୁ ବକର ର.ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି । ଏହାର ଅବିଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆସନ୍ତାରେ ବର୍ଣ୍ଣନା କରିବି ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକରୁଲ୍ଲାହି ଅକ୍‌ବର୍।**

....................................

KHULASA KHUTBA JUMA HUZOOR ANWAR a.b.a

16th Sept. 2022